# NATIONAL NEWS BULLETIN (ODIA)

## 6 April - 2026

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ଆସାମ ବିଧାନସଭା ନିର୍ବାଚନ ନିମନ୍ତେ ପ୍ରଚାର କାର୍ଯ୍ୟର ଶେଷ ପର୍ଯ୍ୟାୟରେ ଆଜି ୩ଟି ର୍‍ୟାଲିକୁ ଉଦ୍‌ବୋଧନ ଦେବେ ପ୍ରଧାନମନ୍ତ୍ରୀ
- ପଶ୍ଚିମ ଏସିଆ ପରିସ୍ଥିତି ମଧ୍ୟରେ ଇସ୍ରାଏଲ୍‌କୁ ଆସନ୍ତା ମଇମାସ ୩୧ ତାରିଖ ପର୍ଯ୍ୟନ୍ତ ବିମାନ ସେବା ବନ୍ଦ ରଖିଲା ଏୟାର ଇଣ୍ଡିଆ
- ପଶ୍ଚିମ ଏସିଆ ବିବାଦର ବର୍ତ୍ତମାନର ପରିସ୍ଥିତି ଉପରେ ଇରାନ ଓ କାତାର ସହ ଆଲୋଚନା କଲେ ବୈଦେଶିକ ମନ୍ତ୍ରୀ
- ଦେଶରେ ୫ କିଲୋଗ୍ରାମ ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡର ବିତରଣ ଲାଗି ନିଷ୍ପତ୍ତି ହୋଇଥିବା ପେଟ୍ରୋଲିୟମ ମନ୍ତ୍ରଣାଳୟର ସୂଚନା

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସ ବିଜୟୀ

–ଆଜି ଅନୁଷ୍ଠିତ ହେବ ପଞ୍ଜାବ କିଙ୍ଗ୍‌ସ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ମ୍ୟାଚ୍ ।

## ପିଏମ୍-ଆସାମ ଭିଜିଟ୍

ଆସାମରେ ବିଧାନସଭା ନିର୍ବାଚନ ନିମନ୍ତେ ଦଳୀୟ ପ୍ରଚାର ପାଇଁ ପ୍ରଧାନମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ ଆଜି ୩ଟି ନିର୍ବାଚନୀ ର୍ୟାଲିକୁ ଉଦ୍‌ବୋଧନ ଦେବେ । ଗତ ସନ୍ଧ୍ୟାରେ ଶ୍ରୀ ମୋଦୀ ଗୁଆହାଟୀରେ ପହଞ୍ଚିଛନ୍ତି । ଆଜି ଶ୍ରୀ ମୋଦୀ ବଜାଲୀ ଜିଲ୍ଲାର ଭବାନୀପୁରଠାରୁ ନିର୍ବାଚନୀ ପ୍ରଚାର ଆରମ୍ଭ କରିବେ । ପରେ ସେ ହୋଜାଇ ଏବଂ ଦିବ୍ରୁଗଡ଼ରେ ନିର୍ବାଚନୀ ର୍ୟାଲିକୁ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ଆସାମରେ ଆସନ୍ତା ୯ ତାରିଖରେ ମତଦାନ ହେବାକୁ ଥିବା ବେଳେ ଶେଷ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଜାରି ରହିଛି ।

## ଏୟାର ଇଣ୍ଡିଆ ଇସ୍ରାଏଲ୍

ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ମଧ୍ୟରେ, ଏୟାର ଇଣ୍ଡିଆ' ଇସ୍ରାଏଲକୁ ଏହାର ବିମାନ ସେବା ସ୍ଥଗିତ ରଖିଛି। ଏୟାର ଇଣ୍ଡିଆର ଜଣେ ଅଧିକାରୀ କହିଛନ୍ତି ଏୟାରଲାଇନ୍ସ ନୂଆଦିଲ୍ଲୀରୁ ତେଲ୍ ଆଭିଭ ମାର୍ଗରେ ଆସନ୍ତା ମଇ ୩୧ ତାରିଖ ପର୍ଯ୍ୟନ୍ତ ଉଡ଼ାଣ ସ୍ଥଗିତ ରଖିଛି। ଅଧିକାଂଶ ବିମାନ କର୍ତ୍ତୃପକ୍ଷ ତେଲ୍ ଆଭିଭ ମାର୍ଗରେ ସେମାନଙ୍କର କାର୍ଯ୍ୟ ସ୍ଥଗିତ ରଖିଛନ୍ତି ଏବଂ କେବଳ ଇସ୍ରାଏଲୀ ବିମାନ ସେବା ପ୍ରଦାନକାରୀମାନେ କଠୋର କଟକଣା ମଧ୍ୟରେ କାର୍ଯ୍ୟ କରୁଛନ୍ତି। ବିମାନ ସେବା ସ୍ଥଗିତ ହେବା ଫଳରେ

ଇସ୍ରାଏଲରେ ରହୁଥିବା ୪୦ ହଜାରରୁ ଅଧିକ ଭାରତୀୟଙ୍କ ମଧ୍ୟରେ ବଡ଼ ଚିନ୍ତା ସୃଷ୍ଟି କରିଛି ।

ଇସ୍ରାଏଲ ଛାଡିବାକୁ ଚାହୁଁଥିବା ଭାରତୀୟମାନଙ୍କୁ ସ୍ଥଳପଥ ଦେଇ ଦୁଇ ଦେଶରେ ପ୍ରବେଶ କରି ଜୋର୍ଡାନ କିମ୍ବା ମିଶର ଦେଇ ଯିବାକୁ ପଡିବ। ତେଲ ଆଭିଭରେ ଥିବା ଭାରତୀୟ ଦୂତାବାସ ବିଭିନ୍ନ ଉପାୟରେ ଯାତ୍ରା କରିବାକୁ ଚାହୁଁଥିବା ଲୋକଙ୍କୁ ସହାୟତା କରିଆସୁଛି। ଦୂତାବାସ ଏହି ସମୟ ମଧ୍ୟରେ ଭାରତୀୟ ନାଗରିକମାନଙ୍କ ସହିତ ନିୟମିତ ଯୋଗାଯୋଗରେ ରହିଛି ଏବଂ ୨୪ ଘଣ୍ଟିଆ ଜରୁରୀକାଳୀନ ସହାୟତା କେନ୍ଦ୍ର ଖୋଲିବା ସହ  ପଞ୍ଜିକରଣ ଅଭିଯାନ ଆରମ୍ଭ କରିଛି। ରାଷ୍ଟ୍ରଦୂତ ଜେ ପି ସିଂହ ଏବଂ ଦୂତାବାସ ପକ୍ଷରୁ ଇସ୍ରାଏଲରେ ରହୁଥିବା ଭାରତୀୟ ଶ୍ରମିକ ଏବଂ ଛାତ୍ରମାନଙ୍କ ସହିତ ଆଭାସୀ ଆଲୋଚନା କରି  ସେମାନଙ୍କୁ  ସମସ୍ତ ସହାୟତା ଯୋଗାଇଦେବା ଲାଗି ଆଶ୍ୱାସନା ଦେଇଛନ୍ତି।

## ଜୟଶଙ୍କର

ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଗଚି ଏବଂ କାତାର ପ୍ରଧାନମନ୍ତ୍ରୀ ଶେଖ ମହମ୍ମଦ ବିନ୍ ଅବଦୁଲରହମାନ ବିନ୍ ଜାସିମ ଅଲ୍ ଥାନିଙ୍କ ସହ କଥା ଗତକାଲି ଆଲୋଚନା କରିଛନ୍ତି।  ସଂପୃକ୍ତ ନେତାମାନେ ପଶ୍ଚିମ ଏସିଆ ବିବାଦର ବର୍ତ୍ତମାନର ପରିସ୍ଥିତି ଉପରେ ଆଲୋଚନା କରିଥିଲେ। ଡକ୍ଟର ଜୟଶଙ୍କର ମଧ୍ୟ ୟୁଏଇର ବୈଦେଶିକ ମନ୍ତ୍ରୀ ଶେଖ ଅବଦୁଲ୍ଲା ବିନ ଜାଏଦ ଅଲ୍

ନାହ୍ୟାନଙ୍କ ସହ ଫୋନ୍ ଯୋଗେ କଥା ହୋଇଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ପୁଣି ଚେତାବନୀ ଦେବା ପରେ ଉତ୍ତେଜନା ବୃଦ୍ଧି ପାଇଥିବାରୁ ଡକ୍ଟର ଜୟଶଙ୍କର ଆଲୋଚନା କରିଥିବା ଜଣାପଡ଼ିଛି ।

ଇରାନ ବିଶ୍ୱ ତୈଳ ଏବଂ ଏଲଏନଜିର ପ୍ରାୟ ୨୦ ପ୍ରତିଶତ ପରିଚାଳନା କରୁଥିବା ହରମୁଜ ପ୍ରଣାଳୀକୁ ଅବରୋଧ କରିବା ପରେ ବିଶ୍ୱ ତୈଳ ଏବଂ ଗ୍ୟାସ ମୂଲ୍ୟ ବୃଦ୍ଧି ପାଇଛି। ପଶ୍ଚିମ ଏସିଆ ଭାରତର ଶକ୍ତିକ୍ଷେତ୍ର ପାଇଁ ଏକ ପ୍ରମୁଖ ଉତ୍ସ ହୋଇଛି।

ଅନ୍ୟପକ୍ଷରେ ଇରାନର ସଂସ୍କୃତି ମନ୍ତ୍ରୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚେତାବନୀକୁ ଖାରଜ କରିବା ସହ ତାଙ୍କୁ ଜଣେ ଅସ୍ଥିର ଏବଂ ଭ୍ରମାତ୍ମକ ବ୍ୟକ୍ତି ବୋଲି କହିଛନ୍ତି। ଏକ ସମ୍ବାଦ ସଂସ୍ଥାକୁ ସାକ୍ଷାତକାରରେ ସଂସ୍କୃତି ମନ୍ତ୍ରୀ ସୟଦ ରେଜା ସାଲିହି-ଆମିରି କହିଛନ୍ତି, ଇରାନ ସାଧାରଣତଃ ଡୋନାଲ୍ଡ ଟ୍ରମ୍ପଙ୍କ ବକ୍ତବ୍ୟ ପ୍ରତି ଧ୍ୟାନ ଦିଏ ନାହିଁ, କାରଣ ଇରାନ ବିଶ୍ୱାସ କରେ ଯେ ଟ୍ରମ୍ପଙ୍କ ବ୍ୟକ୍ତିଗତ, ଆଚରଣଗତ ଏବଂ ମନ୍ତବ୍ୟରେ ସନ୍ତୁଳନର ଅଭାବ ରହିଛି । ସେ କହିଛନ୍ତି ଯେ ହରମୁଜ୍ ପ୍ରଣାଳୀ ବିଶ୍ୱ ପାଇଁ ଖୋଲା କିନ୍ତୁ ଇରାନର ଶତ୍ରୁମାନଙ୍କ ପାଇଁ ବନ୍ଦ ରହିଛି ।

# ଓମାନ୍-ଇରାନ-ଟକ୍ସ

ପଶ୍ଚିମ ଏସିଆ ବିବାଦ ମଧ୍ୟରେ ହର୍ମୁଜ ପ୍ରଣାଳୀ ବନ୍ଦ ରହିବା ନେଇ ଓମାନ ଏବଂ ଇରାନ ଏହି ସାମୁଦ୍ରିକ ପଥକୁ ସୁବ୍ୟବସ୍ଥିତ କରିବା ପାଇଁ ଆଲୋଚନା କରିଛନ୍ତି। ସେହି ଜଳପଥ ଦେଇ ସୁରକ୍ଷିତ ନୌପରିବହନ ପୁନଃସ୍ଥାପନ ପାଇଁ ବିକଳ୍ପ ଅନୁସନ୍ଧାନ କରିବା ନିମନ୍ତେ ଉଭୟ ଦେଶର ଅଧିକାରୀମାନେ ବୈଷୟିକ ବିଶେଷଜ୍ଞଙ୍କ ସହିତ ଆଲୋଚନା କରିଛନ୍ତି।

ଫେବୃଆରୀ ଶେଷ ଭାଗରେ ଆରମ୍ଭ ହୋଇଥିବା ଆମେରିକା ଏବଂ ଇସ୍ରାଏଲୀ ଆକ୍ରମଣ ପରେ ଇରାନ ଜାହାଜ ପରିବହନକୁ ଟାର୍ଗେଟ କରିବା ପରେ ହର୍ମୁଜ୍ ପ୍ରଣାଳୀ ଗୁରୁତର ଭାବରେ ବାଧାପ୍ରାପ୍ତ ହୋଇଛି। ଏହି ସଂଘର୍ଷ ଯୋଗୁଁ ପଡ଼ୋଶୀ ଦେଶଗୁଡ଼ିକର  ଶକ୍ତି ଭିତ୍ତିଭୂମି ପ୍ରଭାବିତ ହେବା ସହ ବିଶ୍ୱ ଅର୍ଥନୈତିକ ଅସ୍ଥିରତା ଆଡ଼କୁ ଗତି କରୁଛି । ସୂଚନା ଅନୁଯାୟୀ, ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳକୁ ନିୟନ୍ତ୍ରଣ କରିବା ଲାଗି ଇରାନ’ ଓମାନ ସହିତ ଯୁଦ୍ଧ ପରବର୍ତ୍ତୀ ସାମୁଦ୍ରିକ ପ୍ରୋଟୋକଲ୍ ପ୍ରସ୍ତାବ ଦେଇଛି।

# ଏଫ୍ଏମ୍ ଏସ୍ଟି କିଟ୍ସ

ସେଣ୍ଟ କିଟ୍ସ ଏବଂ ନେଭିସର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡେଞ୍ଜିଲ ଡଗଲାସ ଗତକାଲି ସନ୍ଧ୍ୟାରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ

ତାଙ୍କର ଗସ୍ତ ଦୁଇ ଦେଶ ମଧ୍ୟରେ ଐତିହାସିକ ସମ୍ପର୍କକୁ ସୁଦୃଢ଼ କରିବ ଏବଂ ସହଯୋଗ ବିସ୍ତାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ତାଙ୍କ ଗସ୍ତ ସମୟରେ, ଭାରତରେ ସେଣ୍ଟ କିଟ୍ସ ଏବଂ ନେଭିସର ଉଚ୍ଚାୟୁକ୍ତ କାର୍ଯ୍ୟାଳୟ ଉଦଘାଟନ କରାଯିବ।

## ଏଲ୍‌ପିଜି ସିଲିଣ୍ଡର

ଦେଶରେ ୫ କିଲୋଗ୍ରାମ ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡର ଉପଲବ୍ଧ କରାଇବା ଲାଗି ସରକାର ପଦକ୍ଷେପ ନେଇଛନ୍ତି । ଏଲ୍‌ପିଜି ବିତରଣ କେନ୍ଦ୍ରଗୁଡ଼ିକରେ ବୈଧ ଚିହ୍ନଟ ପ୍ରମାଣପତ୍ର ଦେଖାଇ ୫ କିଲୋଗ୍ରାମ ବିଶିଷ୍ଟ ସିଲିଣ୍ଡର କ୍ରୟ କରାଯାଇ ପାରିବ । କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ମାସ ୨୩ ତାରିଖ ପରଠାରୁ ୬ ଲକ୍ଷ ୬୦ ହଜାରରୁ ଅଧିକ ୫ କିଲୋଗ୍ରାମ ବିଶିଷ୍ଟ ସିଲିଣ୍ଡର ବିକ୍ରି କରାଯାଇଛି । ମନ୍ତ୍ରଣାଳୟ କହିଛି, କୌଣସି ଏଲ୍‌ପିଜି ବିତରଣ କେନ୍ଦ୍ରରେ ସିଲିଣ୍ଡର ଅଭାବ ଦେଖା ଦେଇନାହିଁ । ଚଳିତମାସ ୪ ତାରିଖରେ ଦେଶରେ ୫୧ ଲକ୍ଷ ଘରୋଇ ସିଲିଣ୍ଡର ବିତରଣ କରାଯାଇଥିବା ମନ୍ତ୍ରଣାଳୟ କହିଛି ।

ଅନ୍ୟପକ୍ଷରେ ପାଇପ୍ ଯୋଗେ ଗ୍ୟାସ୍ ବିତରଣ ବ୍ୟବସ୍ଥାକୁ ସରକାର ବୃଦ୍ଧି କରିଛନ୍ତି । ୩ଲକ୍ଷ ୬୦ ହଜାର ପରିବାରକୁ ପାଇପ୍ ଯୋଗେ ଗ୍ୟାସ୍ ଯୋଗାଇ ଦିଆଯାଇଥିବା ବେଳେ ଗତ ମାର୍ଚ୍ଚ ମାସଠାରୁ ୩ ଲକ୍ଷ ୯୦ ହଜାର ନୂଆ ପଞ୍ଜୀକରଣ ହୋଇଛି । ଦେଶରେ ଥିବା ତୈଳ

ବିଶୋଧନାଗାରଗୁଡ଼ିକ ଅଧିକ କ୍ଷମତାରେ ଉତ୍ପାଦନ ଜାରି ରଖିଛନ୍ତି । କେତେକ ରାଜ୍ୟକୁ ଅତିରିକ୍ତ ସହାୟତା ଭାବେ କିରୋସିନି ଯୋଗାଇ ଦିଆଯାଉଥିବା ମନ୍ତ୍ରଣାଳୟ କହିଛି ।

## ଟ୍ରମ୍ପ-ଇରାନ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସମସ୍ତ ଜାହାଜ ଚଳାଚଳ ପାଇଁ ହରମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ପାଇଁ ଆସନ୍ତାକାଲି ସୁଦ୍ଧା ସମୟସୀମା ପୂରଣ କରିବାରେ ବିଫଳ ହେଲେ ଇରାନର ଶକ୍ତି କେନ୍ଦ୍ର ଏବଂ ସେତୁଗୁଡ଼ିକୁ ଧ୍ୱଂସ କରିବାକୁ ଧମକ ଦେଇଛନ୍ତି। ସେ କହିଛନ୍ତି ଇରାନ ଗୁରୁତ୍ୱପୂର୍ଣ୍ଣ ହରମୁଜ୍ ପ୍ରଣାଳୀ ଦେଇ ସାଧାରଣ ପରିବହନ ବ୍ୟବସ୍ଥାକୁ ବନ୍ଦ କରିଦେଇଛି, ଯାହା ଫଳରେ ବିଶ୍ୱରେ ତୈଳ ମୂଲ୍ୟ  ବୃଦ୍ଧି ପାଇବା ସହ ମୁଦ୍ରାସ୍ଫୀତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି । ୱାଶିଂଟନ୍ ଦ୍ୱାରା ଜାରି କରାଯାଇଥିବା ୪୮ ଘଣ୍ଟାର ଚେତାବନୀ ପରେ ଇରାନ ପାଇଁ ହରମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ପାଇଁ ସମୟସୀମା ନିକଟତର ହେଉଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି ଆଜି ସୁଦ୍ଧା ଏକ ଚୁକ୍ତି ଚୂଡ଼ାନ୍ତ ହେବାର ସମ୍ଭାବନା ରହିଛି। ତେବେ ଇରାନ୍ ଏହି ଚେତାବନୀକୁ ପ୍ରତ୍ୟାଖ୍ୟାନ କରିଛି ଓ ଏଭଳି ପରିସ୍ଥିତିରେ ଆଲୋଚନା କରିବ ନାହିଁ ବୋଲି କହିଛି ।

ଇତିମଧ୍ୟରେ ପେଟ୍ରୋଲିୟମ ରପ୍ତାନୀକାରୀ ଦେଶଗୁଡ଼ିକର ଏକ ଆଭାସୀ ବୈଠକରେ, ଆସନ୍ତା ମଇ ମାସରୁ ପ୍ରତିଦିନ ତେଲ ଉତ୍ପାଦନ କୋଟା ୨ ଲକ୍ଷ ୬ ହଜାର ବ୍ୟାରେଲକୁ ବୃଦ୍ଧି କରିବାକୁ ରାଜି ହୋଇଥିବା ଜଣାପଡ଼ିଛି ।

## ନେପାଳ ପବ୍ଲିକ୍ ହଲିଡେ

ପଶ୍ଚିମ ଏସିଆରେ ସଂଘର୍ଷ ଯୋଗୁଁ ପେଟ୍ରୋଲିୟମ ଯୋଗାଣରେ ସୃଷ୍ଟିହୋଇଥିବା ସମସ୍ୟାକୁ ଦୃଷ୍ଟିରେ ରଖି  ନେପାଳ ସରକାର ସେଠାକାର ସରକାରୀ କାର୍ଯ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ସପ୍ତାହକୁ ଦୁଇଦିନ ବନ୍ଦ ରଖିବା ଲାଗି  ନିଷ୍ପତ୍ତି ନେଇଛନ୍ତି। ନୂଆ ବ୍ୟବସ୍ଥା ଅନୁଯାୟୀ, ସରକାରୀ କାର୍ଯ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନ ପାଇଁ ଏବେ ଶନିବାର ଓ ରବିବାର ବନ୍ଦ ରହିବ । ସେଠାକାର  ସରକାରୀ ମୁଖପାତ୍ରଙ୍କ ସୂଚନା ଅନୁଯାୟୀ, ଗତକାଲି କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ସେ କହିଛନ୍ତି  ଶିକ୍ଷାନୁଷ୍ଠାନଗୁଡ଼ିକୁ ବାଦ ଦେଇ ସରକାରୀ କାର୍ଯ୍ୟାଳୟଗୁଡ଼ିକ ଏବେ ପ୍ରତ୍ୟେକ ଦିନୁ  ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ।

## ଏମ୍‌ଇଏ-ଆଫଗାନିସ୍ତାନ

ସାମ୍ପ୍ରତିକ ବନ୍ୟା ଏବଂ ଭୂମିକମ୍ପ ଯୋଗୁଁ ଆଫଗାନିସ୍ତାନ ଜଟିଳ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ଭାରତ  ମାନବିକ ସହାୟତା ପଠାଇଛି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ଏହି ସହାୟତାରେ ରୋଷେଇ ସାମଗ୍ରୀ, ସ୍ୱଚ୍ଛତା କିଟ୍, ପ୍ଲାଷ୍ଟିକ୍ ସିଟ୍, ତାରପୋଲିନ୍, ଶୟନ ସାମଗ୍ରୀ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ ରହିଛି। ମନ୍ତ୍ରଣାଳୟ କହିଛି ଯେ ଭାରତ’ ଆଫଗାନିସ୍ତାନର ଲୋକଙ୍କ ସହିତ ରହିଛି ଏବଂ ଏଭଳି ଆହ୍ୱାନମୂଳକ ପରିସ୍ଥିତିରେ ମାନବିକ ସହାୟତା  ଯୋଗାଇଦେବା ଲାଗି ଭାରତ ସଂପୂର୍ଣ୍ଣ ପ୍ରତିବଦ୍ଧ ।

## ମଷ୍ଟ ଆନାଉନ୍ସମେଣ୍ଟ-ପଦ୍ମ

‘ଆକାଶବାଣୀରେ ଲୋକଙ୍କ ପଦ୍ମ’ ଧାରାବାହିକର ପରବର୍ତ୍ତୀ ଭାଗରେ ନିଲେସ୍ ବିନୋଦ ଚନ୍ଦ୍ରା ମାଣ୍ଡେଲୱାଲାଙ୍କ ସହ ବାର୍ତ୍ତାଳାପ ପ୍ରଚାର କରାଯିବ । ସାମାଜିକ କାର୍ଯ୍ୟ କ୍ଷେତ୍ରରେ ଏବଂ ଅଙ୍ଗଦାନକୁ ପ୍ରୋତ୍ସାହିତ କରିବା ଦିଗରେ  ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ପଦ୍ମଶ୍ରୀରେ ସମ୍ମାନିତ କରାଯିବ।

ଏହି ବାର୍ତ୍ତାଳାପ ଆଜି ସକାଳ ୯ଟା ୧୦ ମିନିଟ୍‌ରେ  ୧୦୦ ଦଶମିକ୍ ୧ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍‌ରେ ପ୍ରସାରଣ କରାଯିବ । ଏହି

କାର୍ଯ୍ୟକ୍ରମ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଆପ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ଅଫିସିଆଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମଧ୍ଯ ଉପଲବ୍ଧ ହେବ ।

# ଆଇପିଏଲ୍

ଆଇପିଏଲ କ୍ରିକେଟରେ, ଗତକାଲି ରାତିରେ ବେଙ୍ଗାଲୁରୁର ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୪୩ ରନରେ ଚେନ୍ନାଇ ସୁପର କିଙ୍ଗସକୁ ପରାସ୍ତ କରିଛି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଦ୍ୱାରା ଧାର୍ଯ୍ୟ ୨୫୧ ରନର ବିଜୟ ଲକ୍ଷ୍ୟକୁ ପିଛା କରି, ଚେନ୍ନାଇ ସୁପର କିଙ୍ଗସ ସମସ୍ତ ୱିକେଟ ହରାଇ ୨୦୭ ରନ ସ୍କୋର କରିଥିଲା। ପ୍ରଥମେ ବ୍ୟାଟିଂ କରି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୨୫୦ ରନ କରିଥିଲା। ଟିମ୍ ଡେଭିଡଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

ଗତକାଲି ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୫ ୱିକେଟ୍‌ରେ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଥିଲା।

ଆଇପିଏଲ୍ କ୍ରିକେଟ୍‌ରେ ଆଜି କୋଲକାତା ଇଡେନ୍ ଗାର୍ଡେନ୍‌ରେ ଆଜି ସନ୍ଧ୍ୟା ୭ଟା ୩୦ରେ ପଞ୍ଜାବ କିଙ୍ଗ୍ ଏବଂ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।